## ସଂକ୍ଷେପରେ

### ଖଗେଶ୍ୱର ହେଲେ ଗ୍ରାହକ ସମବାୟ ସମିତିର ସଭାପତି

ବାରିପଦା ଅଫିସ,୨୦।୬-ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନରେ ଥିବା ଗ୍ରାହକ(କଞ୍ଜୁମର) ସମବାୟ ସମିତି ନିର୍ବାଚନରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସଭାପତି ଓ ସଦସ୍ୟାସଦସ୍ୟ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଖଗେଶ୍ୱର ବଳିଆରସିଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୫ଜଣିଆ କମିଟିରେ ୭ଜଣ ମହିଳା ଓ ୮ଜଣ ପୁରୁଷ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସଦସ୍ୟ ଭାବେ ପ୍ରଜ୍ଞାଦିପ୍ତୀ ବଳିଆରସିଂ, ବିବେକାନନ୍ଦ ମଲ୍ଲିକ, ଦ୍ରୌପଦୀ ସାହୁ, ଦେବବ୍ରତ ଦେ, ସାବିତ୍ରୀ ପାତ୍ର, ଦେବଦତ୍ତ ଦାସ, ଫାଲଗୁନୀ ମହାନ୍ତି, ଜୟନ୍ତ ପାତ୍ର, ସୀତାମଣି ବିଶ୍ୱାଳ, ଜସମୀ ମାଝୀ, ସଞ୍ଜିବ ବେହେରା, ଅନୁରେଖା ବଳିଆରସିଂ, ସରୋଜ ବୋଷ, ଦିଲ୍ଲିପ ଦତ୍ତ ପ୍ରମୁଖ ରହିଛନ୍ତି ।

### ଟ୍ରେନ୍‌ରେ କଟି ବୃଦ୍ଧ ମୃତ

ଭଦ୍ରକ ଅଫିସ, ୨୦।୬-ଭଦ୍ରକ ଚରମ୍ପା ରେଳ ଷ୍ଟେଶନରେ ସୋମବାର ଅପରାହ୍ନରେ ଟ୍ରେନ୍‌ରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଖଜିରା ଗ୍ରାମର ବନମାଳି ତିଆଡ଼ି। ସୂଚନା ଅନୁଯାୟୀ, ବନମାଳି କୋଲକାତା ଯିବା ପାଇଁ ଷ୍ଟେଶନରେ ଧଉଳି ସୁପରଫାଷ୍ଟ ଏକ୍ସପ୍ରେସ ଚାଲିବାକୁ ଆରମ୍ଭ କରୁଥିବା ବେଳେ ଚଢ଼ିବାକୁ ଯାଉଥିଲେ। ଦୁଇ ହାତରେ ଦୁଇଟି ବ୍ୟାଗ୍ ଧରି ଟ୍ରେନ୍ ଚଢ଼ିବାକୁ ଯାଉଥିବା ସମୟରେ ଅସାବଧାନତା ଯୋଗୁ ପ୍ଲାଟଫର୍ମରୁ ତଳକୁ ଖସି ପଡ଼ିଥିଲେ। ଚଳନ୍ତା ଟ୍ରେନ୍‌ରେ କଟି ଯାଇଥିଲେ। ତାଙ୍କର ଦୁଇ ଗୋଡ଼ ଓ ଅଣ୍ଟା କଟିବା ସହ ମୃତଦେହ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା।

ଜିଆର୍‌ପି ମୃତଦେହ ଜବତ କରିବା ସହ ତାଙ୍କ ମୋବାଇଲ ଯାଞ୍ଚ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବନମାଳି କୋଲକାତାରେ ଜଣଙ୍କ ଘରେ ରହି ରୋଷେୟା ଭାବେ କାମ କରୁଥିଲେ। ରଜ ପାଇଁ ସେ ଘରକୁ ଆସିଥିଲେ। ସୋମବାର କୋଲକାତା ଯିବେ ବୋଲି ଘରୁ ଆସିଥିବା ତାଙ୍କୁ ପରିବାର ପକ୍ଷରୁ ସୂଚନା ମିଳିଛି।

### 'ଅଗ୍ନିପଥ'କୁ ବିରୋଧ କରି ଜାତୀୟ ରାଜପଥ ଅବରୋଧ

ଭଦ୍ରକ ଅଫିସ, ୨୦।୬-ସେନା ବାହିନୀରେ ନିଯୁକ୍ତି ପାଇଁ 'ଅଗ୍ନିପଥ' ଯୋଜନାକୁ ବିରୋଧ କରି ସୋମବାର ପୂର୍ବାହ୍ନରେ ଭଦ୍ରକ ବନ୍ତ ଛକଠାରେ ଆଶାୟୀ ଯୁବକମାନେ ୧୬ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସାମାଜିକ କର୍ମୀ ଭବେନ୍ଦ୍ର ସାହୁ ଓ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଆଶାୟୀ ଯୁବକ ନେହେରୁ ଷ୍ଟାଡିୟମରୁ ଶୋଭାଯାତ୍ରାରେ ଆସି ବନ୍ତ ଛକଠାରେ ପହଞ୍ଚି କିଛି ସମୟ ରାସ୍ତାରୋକୋ କରିଥିଲେ। ଏହି ଯୋଜନାକୁ ପ୍ରତ୍ୟାହାର ଓ ସେନାବାହିନୀରେ ଲିଖିତ ପରୀକ୍ଷା କରି ସ୍ଥାୟୀ ନିଯୁକ୍ତି ଦାବି ହୋଇଛି। ଭଦ୍ରକ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଟ୍ରକ୍ ମାଲିକଙ୍କ ଜୀବିକାରେ ଚଡ଼କ

ଯୋଡ଼ା,୨୦।୬(ଡି.ଏନ.ଏ.)

- ଶୁଳ୍କ ବୃଦ୍ଧି ପରେ ରପ୍ତାନି ପ୍ରଭାବିତ
- ଖଣି ଉପନିର୍ଦ୍ଦେଶକଙ୍କୁ ଭେଟିଲା ସଂଘ
- ୬୦% ପରିବହନ ଟ୍ରକ୍‌ରେ କରିବାକୁ ଦାବି

କେନ୍ଦୁଝର ଜିଲାର ଯୋଡ଼ା ଖଣି ମଣ୍ଡଳରେ ବହୁ ସଂଖ୍ୟକ ଲୋକ ଟ୍ରକ୍ ପରିବହନ ବ୍ୟବସାୟ ଉପରେ ନିର୍ଭରଶୀଳ । ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ଏହି ଖଣିଖାଦାନ ଓ କାରଖାନାରେ ନିୟୋଜିତ ହୋଇଛି। ବର୍ତ୍ତମାନ ଖଣି କ୍ଷେତ୍ରର ମାନ୍ଦା ଅବସ୍ଥା ଏକ ଉତ୍କଟ ସମସ୍ୟା ଭାବେ ମୁଣ୍ଡ ଟେକିଛି । ରପ୍ତାନି ଶୁଳ୍କ ବୃଦ୍ଧି ପରେ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ବନ୍ଦର ଗୁଡିକୁ ଟ୍ରକ୍ ଦ୍ୱାରା ଲୁହାପଥର ଆଉ ପରିବହନ ହେଉ ନାହିଁ। ଯାହାର ସିଧା ପ୍ରଭାବ ପଡ଼ିଛି ଟ୍ରକ୍ ମାଲିକଙ୍କ ଜୀବନ ଜୀବିକା ଉପରେ। ଏହାକୁ ନେଇ ଖଣି ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣେ ଘରୋଇ ବ୍ୟବହାରରେ ପରିବହନ ହେଉଥିବା ଲୁହାପଥରର ସିଂହଭାଗ ରେଳ ଦ୍ୱାରା ବିଭିନ୍ନ ରାଜ୍ୟର କାରଖାନାଗୁଡିକୁ ପରିବହନ ହୋଇଯାଉଛି। ଏହାଦ୍ୱାରା କେନ୍ଦୁଝର ସମେତ ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଅନୁଗୋଳ, ସୁନ୍ଦରଗଡ ଜିଲାର ଟ୍ରକ୍ ମାଲିକମାନେ ବେଶୀ ପ୍ରଭାବିତ ହେଉଛନ୍ତି। ଏହାର ପ୍ରତିବାଦ କରି ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଖଣି ଉପନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲଙ୍କୁ ଭେଟିଛନ୍ତି।

ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି କେନ୍ଦୁଝର ଜିଲା ଯୋଡା ଅଞ୍ଚଳର ଟ୍ରକ୍ ମାଲିକମାନେ। ଋଣ କରି ଟ୍ରକ୍ କିଣିଥିବା ଲୋକେ ଏବେ ଋଣ ପରିଶୋଧ କରି ନ ପାରିବାରୁ ଦେବାଳିଆ ହୋଇ ପଡିଲେଣି। ପ୍ରାୟ ୨ ମାସ ହେବ ଯୋଡ଼ା ଖଣି ଅଞ୍ଚଳରେ ଏଭଳି ଅଚଳାବସ୍ଥା ପରିଲକ୍ଷିତ ହୋଇଛି। ଏ ନେଇ ଯୋଡା ଟ୍ରକ ମାଲିକ ସଂଘ ପକ୍ଷରୁ ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖଣି ଉପନିର୍ଦ୍ଦେଶକଙ୍କୁ ଭେଟି ୬୦% ଲୁହାପଥର ଟ୍ରକ୍ ଦ୍ୱାରା ପରିବହନ କରାଇବା ପାଇଁ ଦାବି ଜଣାଇବା ସହିତ ସ୍ଲରୀ ପାଇପ ଲାଇନ ଦ୍ୱାରା ହେଉଥବା ଲୁହାପଥର ପରିବହନକୁ ହ୍ରାସ କରିବା ପାଇଁ ସ୍ମାରକପତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଉପନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି, ପରିବେଶ ପ୍ରଦୂଷିତ ହେଉଥିବାରୁ ଖଣିଜ ପରିବହନକୁ ସଡକପଥରେ ଗୁରୁତ୍ୱ ଦିଆଯାଉ ନାହିଁ। ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଟ୍ରକ୍ ମାଲିକ ମାନେ କହିଥିଲେ ଯେ, ଟ୍ରକ୍ ଗୁଡିକରେ ଆଧୁନିକ ଜ୍ଞାନ କୌଶଳରେ ବିଏସ୍- ୬ ପ୍ରଦୂଷଣବିହୀନ ଇଞ୍ଜିନ ବିକଶିତ ହୋଇଲାଗିଛି । ଏହା ଦ୍ୱାରା କିପରି ପ୍ରଦୂଷଣ ହେଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଖଣି ଅଞ୍ଚଳରେ ରହିଥିବା ବନ୍ଧୁର ରାସ୍ତାରୁ ଧୂଳି ଉଡୁଥିବାରୁ ରାସ୍ତା ଗୁଡିକୁ ଡିଏମ୍‌ଏଫ୍ ଅର୍ଥରୁ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କଲେ ପ୍ରଦୂଷଣ ମାତ୍ରା କମିବ ବୋଲି ଉପସ୍ଥିତ ଥିବା ଟ୍ରକ୍ ମାଲିକ ମାୟାଧର ପାତ୍ର, ରାଜେଶ ରୋଶନ, ଅବଦୁଲ ଖାନ କହିଥିଲେ। ଏସମ୍ପର୍କରେ ସଂଘ ସମ୍ପାଦକ ବାରିକ କହିଥିଲେ ଯେ, ତିନିମାସ ତଳେ ଟ୍ରକ୍‌ଗୁଡିକ କିଛି ମାତ୍ରାରେ ଖଣି ଅଞ୍ଚଳରେ ପରିବହନ କରୁଥିଲେ । ମାତ୍ର ରେଳ ର୍‍ୟାକ ଯୋଗେ ପରିବହନ ହେଉଥିବାରୁ ଟ୍ରକ୍ ଗୁଡିକ କାମଧନ୍ଦା ହରାଇଛନ୍ତି। ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସଂଘ ପକ୍ଷରୁ ଅବଗତ କରାଯିବ। ନ ଶୁଣିଲେ ବିକଳ୍ପ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଯୋଡ଼ା ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଖଣି ଉପନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲଙ୍କୁ ସ୍ମାରକପତ୍ର ଦିଆଯାଉଛି।

## ଅଣ୍ଡା ବୋଝେଇ ଟ୍ରକ୍‌କୁ ପିଟିଲା ଭ୍ୟାନ୍, ଡ୍ରାଇଭର ଆହତ

ରୂପସା, ୨୦।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍ ନିକଟ ଏକ ଢ଼ାବା ସମ୍ମୁଖରେ ସୋମବାର ଏକ ଅଣ୍ଡା ବୋଝେଇ ଟ୍ରକ୍‌କୁ ଆଉ ଏକ ପିକଅପ୍ ଭ୍ୟାନ୍ ଧକ୍କା ଦେବାରୁ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ଅଣ୍ଡା ବୋଝେଇ ଟ୍ରକ୍‌କୁ ପଛପଟୁ ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ପିକଅପ୍ ଡ୍ରାଇଭର ରୂପସା ଥାନା ହତିଆଡ଼ିହା ଗ୍ରାମର ଶ୍ରୀପତି ମହାଳିକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ବିପର୍ଯ୍ୟୟ ମୁକାବିଲା ନେଇ ଟେବୁଲ ଟପ୍ ଏକ୍ସରସାଇଜ ବୈଠକ



ବାରିପଦା ଅଫିସ,୨୦।୬

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଟିଟିଇ (ଟେବୁଲ ଟପ୍ ଏକ୍ସରସାଇଜ) ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫାସିଲିଟେସନ କେନ୍ଦ୍ରରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ରଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଚାରୁ କୁମାର ବଳ, ସଦର ଉପଜିଲାପାଳ ଅନ୍ୟା ଦାସ, ରାଜ୍ୟ ବିପର୍ଯ୍ୟୟ ପରିଚାଳାନା ତଥା ଜିଲା ପର୍ଯ୍ୟବେକ୍ଷକ ସୁନୀଲ କୁମାର ସାହୁ, ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ପ୍ରକଳ୍ପ ଅଧିକାରୀ ହରିପ୍ରିୟା ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଏସ୍‌ଆର୍‌ସିଙ୍କ ଗାଇଡ୍ ଲାଇନ ଅନୁସାରେ ଟିଟିଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ପୂର୍ବ, ସମୟ ଅବଧି ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେଇ ଠିକ୍ ଭାବେ ମୁକାବିଲା ଓ ସୁପରିଚାଳନା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱ ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ରୂପରେଖ ଉପରେ ଗୁରୁତ୍ୱାରୋପ କରାଯାଇଛି।

ବିଶେଷ କରି ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍, ପ୍ରାଣୀ ସମ୍ପଦ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ସାଧାରଣ ଯୋଗାଣ, ଶିଶୁ ସୁରକ୍ଷା, ଓଡ୍ରାଫ୍, ଆରକ୍ଷୀ ବିଭାଗ ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗ ଦ୍ୱାରା ବିପର୍ଯ୍ୟୟ ସୁପରିଚାଳନା କ୍ଷେତ୍ରରେ ପ୍ରସ୍ତୁତ ଏସ୍‌ଓପି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ଜରୁରୀ ଅଧିକାରୀ ପତି ଟିଟିଇ କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କାମ କରି ମଜୁରି ପାଇନାହାନ୍ତି ଶ୍ରମିକ

ପାଟଣା,୨୦।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଅଞ୍ଚଳର ୫ପଞ୍ଚାୟତରେ ମେଗା ଜଳ ପ୍ରକଳ୍ପର ପାଣି ଟାଙ୍କିରେ କାମ କରି ୨୧ଜଣ ଶ୍ରମିକ ୬ମାସ ହେବ ମଜୁରୀ ପାଇବାରୁ ବଞ୍ଚିତ ହୋଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏକ ମେଗା ଜଳ ପ୍ରକଳ୍ପରେ ସାହାରପଡା ବ୍ଲକ ଅଞ୍ଚଳର ୨୧ ଜଣ ଶ୍ରମିକ ବର୍ଷ ବର୍ଷ ଧରି କାମ କରୁଥିଲେ। ତେବେ ସମ୍ପୃକ୍ତ ଠିକାଦାର ଆଜି କାଲି ମଜୁରୀ ଦେବି କହି ଶ୍ରମିକଙ୍କୁ ପଇସା ନ ଦେଇ ଦିନ ଗଡାଉଛନ୍ତି ବୋଲି କହିଛନ୍ତି। ଉକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଖୁବ ଶୀଘ୍ର ମଜୁରୀ ପ୍ରଦାନ କରିବାକୁ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ରୁଗୁଡିବେଡ଼ାରେ ସରିଲା ରଜ ମହୋତ୍ସବ

ଠାକୁରମୁଣ୍ଡା, ୨୦।୬(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ନିକଟ ରୁଗୁଡିବେଡ଼ା ଗ୍ରାମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମ ରଜ ମହୋତ୍ସବ ଶେଷ ହୋଇଯାଇଛି। ଗ୍ରାମର କଲ୍ୟାଣ ମଣ୍ଡପ ଆମ୍ବ ତୋଟା ଠାରେ ଆୟୋଜିତ ରଜ ମହୋତ୍ସବରେ ଆଖପାଖ ଗ୍ରାମର ମହିଳା, ଯୁବତୀ, ବାଳିକାମାନେ ଆସି ଅଂଶଗ୍ରହଣ କରିଥିଲେ। ବାଳିକାମାନଙ୍କୁ ନେଇ ନୃତ୍ୟ, ଗୀତ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଜ ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ନନ୍ଦଙ୍କ ସଭାପତିତ୍ୱରେ ବିଭିନ ଦିବସରେ ଅତିଥିମାନେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହରିଶ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ଗୁରୁ ଅଲେଖ ଚନ୍ଦ୍ର ଦାସ, କଣ୍ଠଶିଳ୍ପୀ ଦୀନବନ୍ଧୁ ସାହୁ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସତ୍ୟ ଖବର ପ୍ରକାଶ ଉପରେ ଗୁରୁତ୍ୱ

ବାସୁଦେବପୁର, ୨୦।୬ (ଡି.ଏନ.ଏ.)

**ମିଡିଆ ଆସୋସିଏଶନର ବାର୍ଷିକୋତ୍ସବ**

ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିସରରେ ମିଡିଆ ଆସୋସିଏଶନର ବାର୍ଷିକୋତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଗଣମାଧ୍ୟମ ସବୁବେଳେ ସତ୍ୟ ଖବର ପ୍ରକାଶ ଦିଗରେ ଧ୍ୟାନ ଦେବା ସହ ଖବରଦାତାମାନେ କୌଣସି ଚାପର ବଶବର୍ତ୍ତୀ ନ ହୋଇ ନିର୍ଭୀକ ଭାବେ ଖବର ପ୍ରସାରଣ କଲେ ଏହା ସମାଜର ମଙ୍ଗଳରେ ଆସିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଯୋଗଦେଇ ନିରପେକ୍ଷ ଖବର ପ୍ରସାରଣ ଖବରଦାତାମାନଙ୍କର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା ଓ ମମତା ଜେନା ଯୋଗ ଦେଇଥିଲେ। ପ୍ରତାପ କୁମାର ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ୱାଧୀନ ଆଲୋକ ଡାଙ୍ଗୁଆ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ ଓ କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ବନ୍ତ, ୨୦।୬(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ବହୁଦରଡା ଗ୍ରାମର ଶମ୍ଭୁନାଥ ନାୟକ ନାମକ ଯୁବକଙ୍କ ସୋମବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅପମୃତ୍ୟୁ ମାମଲା (ନଂ.୪୬/୨୨) ରୁଜୁ ହୋଇଛି।

## ସହରାଞ୍ଚଳର ସର୍ବାଙ୍ଗୀନ ବିକାଶକୁ ପ୍ରାଧାନ୍ୟ

ବାସୁଦେବପୁର,୨୦।୬ (ଡି.ଏନ.ଏ.)

**ପୌରପାଳିକାର ସାଧାରଣ ପରିଷଦ ବୈଠକ**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା କନ୍‌ଫରେନ୍ସ ହଲ୍‌ରେ ଶୁକ୍ରବାର ୪ର୍ଥ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ସହରାଞ୍ଚଳର ସର୍ବାଙ୍ଗୀନ ବିକାଶ ଦିଗରେ ଧ୍ୟାନ ଦେବା ଉପରେ ପ୍ରାଧାନ୍ୟ ଦେଇଥିଲେ। ବର୍ଷାଦିନ ପୂର୍ବରୁ ଅସମ୍ପୂର୍ଣ୍ଣ ରାସ୍ତା କାର୍ଯ୍ୟ ଶେଷ କରିବା, ଡ୍ରେନ୍ ସମସ୍ୟା ସମାଧାନ ସହ ଲାଇଟ ବ୍ୟବସ୍ଥାର ଉନ୍ନତୀକରଣ ଦିଗରେ ପୌରପାଳିକା ପ୍ରାଥମିକତା ଦେବାକୁ ସେ କହିଥିଲେ। ପୌରପାଳିକା ପକ୍ଷରୁ ଏକ ଉନ୍ନତମାନର ଲାଇବ୍ରେରୀ ତିଆରି ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ କୁହାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ, ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାଉନସିଲରମାନେ ଉପସ୍ଥିତ ରହି ନିଜ ୱାର୍ଡର ସମସ୍ୟା ବାବଦରେ ମତ ରଖି ଖୁବ୍‌ଶୀଘ୍ର ସମାଧାନ ପାଇଁ ଦାବି କରିଥିଲେ।

# ଖଇଲୋ ବାଲିଘାଟ ପାଇଁ ଶୁଣାଣି

ଘସିପୁରା/ଆନନ୍ଦପୁର, ୨୦।୬ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଖଇଲୋ ଠାରେ ରେମାଳ ନଦୀର ନିଲାମ ହୋଇଥିବା ଖଇଲୋ ବାଲି ଘାଟ ପାଇଁ ପରିବେଶ ମଞ୍ଜୁରୀ ପରିପ୍ରେକ୍ଷୀରେ ସର୍ବସାଧାରଣ ଶୁଣାଣି କାର୍ଯ୍ୟକ୍ରମ ସୋମବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆହ୍ୱାନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଦୂଷଣ ବୋର୍ଡର ଜିଲା ଆରଓ ପ୍ରଶାନ୍ତ କୁମାର କର, ଏଡିଏମ ସୁଷମା ବିଲୁଙ୍ଗ ଉପସ୍ଥିତ ରହି ଲୋକମାନଙ୍କ ଠାରୁ ବାଲି ସୈରାତକୁ ନେଇ ପରିବେଶ ଉପରେ କି ପ୍ରଭାବ ରହିବ ସେ ସମ୍ପର୍କିତ ଅଭିଯୋଗ ଶୁଣିଥିଲେ। ଏହି ଅବସରରେ ରାସ୍ତାଘାଟର ଉନ୍ନତି କରଣ, ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବୃକ୍ଷରୋପଣ ସହିତ ସରକାରୀ ନିୟମ ମୁତାବକ ବାଲି ଉତ୍ତୋଳନ କରିବାକୁ ନେଇ ଲୋକମାନେ ମତ ରଖିଥିଲେ। ଖଇଲୋ ବାଲି ସୈରାତ୍ କାର୍ଯ୍ୟକାରୀ ହୋଇ ନ ଥିବାରୁ ଟ୍ରାକ୍ଟର ମାଧ୍ୟମରେ ବାଲି ଚୋରା ଚାଲାଣ ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦ୍‌ବେଗ ମଧ୍ୟ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଘସିପୁରା ତହସିଲଦାର, ଅତିରିକ୍ତ ତହସିଲଦାର ଦିବାକର ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସରପଞ୍ଚ ପ୍ରତିମା ଜେନା, ସମିତି ସଭ୍ୟ ମନ୍ମଥ ଜେନା, ଜିଲାପରିଷଦ ପ୍ରତିନିଧି ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ



ସମୀକ୍ଷା ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ଅନ୍ୟମାନେ।

କେନ୍ଦୁଝର ୨୦।୬ (ସ୍ୱ.ପ୍ର./ଡି.ଏନ.ଏ.)

**କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ**

କେନ୍ଦୁଝର ଜିଲାକୁ ସୋମବାର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଆସି କ୍ଷେତ୍ର ପରିଦର୍ଶନ କରିବାସହ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସ୍ଥାନୀୟ ଦରବାର ହଲଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସଦର ବିଧାୟକ ମୋହନ ମାଝୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରି ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ସହ ବିଭାଗର ସୁନାମ ବୃଦ୍ଧି ଓ ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଆହ୍ୱାନ ଦେଇଥିଲେ। ମା' ଓ ଶିଶୁଙ୍କ ଅପପୁଷ୍ଟିର ନିରାକରଣ, ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ ବିଦ୍ୟାଳୟ ଶିକ୍ଷା, ଟିକାକରଣ, ପୁଷ୍ଟି ଓ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ସେବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ମିଶନ ଶକ୍ତି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀ, ଋଣ ଯୋଗାଣ, ବ୍ଲକ ସ୍ତରୀୟ ଫେଡେରେଶନ ଗଠନ ଆଦି ବିଷୟରେ ଆଲୋଚନା କରିଥିଲେ। ମିଲେଟ ମିଶନ ଜରିଆରେ ମାଣ୍ଡିଆ ଚାଷ, ମାଣ୍ଡିଆ ପ୍ରକ୍ରିୟାକରଣ, ଅଙ୍ଗନବାଡି କେନ୍ଦ୍ର କୁ ଯୋଗାଣ ଆଦି ବିଷୟରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ମିଶନ ଶକ୍ତି କାଫେ ବୁଲି ଦେଖିବା ସହ ଡିମ୍ବୋ ଗ୍ରାମରେ ଥିବା ବଡି ପ୍ରସ୍ତୁତ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ।

## ରାତି ଅଧରେ ଘରେ ପଶିଲା ଟ୍ରକ୍

**ଅଳ୍ପକେ ବର୍ତ୍ତିଲେ ପରିବାର**

ଚମ୍ପୁଆ,୨୦।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଠାରେ ଗତ ରବିବାର ବିଳମ୍ବିତ ରାତିରେ ଦ୍ରୁତଗତିରେ ଏକ ଟ୍ରକ୍ ରାସ୍ତା କଡରେ ଥିବା ଏକ ଘରକୁ ଧକ୍କା ଦେବାରୁ ଘରର କାନ୍ଥ ଭାଙ୍ଗି ଯାଇଥିଲା। ଘର ମାଲିକ ଧନେଶ୍ୱର ରାଉତଙ୍କ ସୂଚନା ଅନୁସାରେ ଚମ୍ପୁଆ ଦିଗରୁ ରିମୁଳି ଆଡକୁ ଯାଉଥିବା ଏକ ଟ୍ରକ୍ କାଳିକାପ୍ରସାଦ ଟର୍ଣ୍ଣ ନିକଟରେ ପ୍ରଥମେ ଏକ ଗଛକୁ ଧକ୍କା ଦେବା ପରେ ରାସ୍ତାର ଅପରପାର୍ଶ୍ୱରେ ଥିବା ତାଙ୍କ ଘରକୁ ଧକ୍କା ଦେଇଥିଲା। ଦ୍ରୁତଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ବେଳେ ଘଟଣା ଘଟିବା ସମୟରେ ଉକ୍ତ ଘରକୁ ଲାଗି ଅନ୍ୟ ଏକ କଠୋରୀରେ ଧନେଶ୍ୱରଙ୍କ ପରିବାର ଶୋଇଥିଲେ। ଦୁର୍ଘଟଣା ଫଳରେ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ପ୍ରତିଶ୍ରୁତି ପରେ ସେବାୟତଙ୍କ ପଦଯାତ୍ରା ସ୍ଥଗିତ

ବାରିପଦା ଅଫିସ,୨୦।୬

ଓଡ଼ିଶା ମଠ ମନ୍ଦିର ସେବାୟତ ସଂଘର ନିଷ୍ପତ୍ତି କ୍ରମେ ସୋମବାର ମୟୂରଭଞ୍ଜ ଜିଲା ବାରିପଦାର ଦ୍ୱିତୀୟ ଶ୍ରୀକ୍ଷେତ୍ର ହରିବଳଦେବ ଜୀଉଙ୍କ ସିଂହଦୁଆରରୁ ସେବାୟତମାନେ ପଦଯାତ୍ରା ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୭ ଦଫା ଦାବିପତ୍ର ପ୍ରଦାନ କରିବାକୁ ବାହାରିଥିଲେ। ଖବରପାଇ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପାଲବଣିଠାରେ ପହଞ୍ଚି ସେବାୟତ ସଂଘର ସମସ୍ୟା ସମ୍ପର୍କରେ ବିଜେଡି ରାଜ୍ୟ ସମ୍ପାଦକ ତଥା ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ସହ ଫୋନ ମାଧ୍ୟମରେ କଥାବାର୍ତ୍ତା କରାଇଛନ୍ତି। ଏନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଡକାଯିବା ସହ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ବୈଠକ କରି ଆସନ୍ତା ୨୫ତାରିଖ ମଧ୍ୟରେ ସେବାୟତମାନଙ୍କ ସହ ଆଲୋଚନା ପୂର୍ବକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପଦଯାତ୍ରା ସ୍ଥଗିତ ରଖାଯାଇଛି। ପ୍ରତିଶ୍ରୁତି ମୁତାବକ ସମାଧାନ କରା ନ ଗଲେ ୨୬ତାରିଖରେ ପାଲବଣିଠାରୁ ପୁଣି ପଦଯାତ୍ରା କରାଯିବ ବୋଲି ମଠମନ୍ଦିର ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ ଜଣାଇଛନ୍ତି।

ପ୍ରକାଶ ଯେ, ଜିଲାରେ ଥିବା ୧୦ ମଠ ଓ ୧୦ ମନ୍ଦିରରେ ପୂଜା ପାଉଥିବା ଠାକୁରମାନଙ୍କ ରୀତିନୀତିରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସେବାୟତମାନଙ୍କ ବେତନ ବୃଦ୍ଧି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରିକି ଭୁବନେଶ୍ୱରଠାରେ ଆଇନମନ୍ତ୍ରୀଙ୍କ ସହ ଆଲୋଚନା ପରେ ମଧ୍ୟ ସୁଫଳ ମିଳିବା ପରିବର୍ତ୍ତେ ମନ୍ଦିରର ଆୟକୁ ନେଇ ବ୍ୟୟ କରିବାକୁ କୁହାଯାଇଛି। ୨୦୨୧ରେ ଓଡ଼ିଶା ହିନ୍ଦୁ ଧାର୍ମିକ ଅନୁଦାନର ଅତିରିକ୍ତ ଦେବୋତ୍ତର ଆୟୁକ୍ତଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗର ଅବହେଳା ଯୋଗୁ ୧୦ଟି ଲେଖାଏ ମଠ ଓ ମନ୍ଦିରର ମୋଟ ୪୦ ହଜାର ୨୨୧ ଏକର ୯୬ ଡିସିମିଲ ଜମି ଥାଇ ମଧ୍ୟ ଠାକୁରଙ୍କ ରୀତିନୀତିରେ ବିଳମ୍ବ ହେଉଛି। ଅଧିକାଂଶ ଜମି ସରକାରୀ ଖାତାକୁ ଯାଇଥିବା ବେଳେ ଅନେକ ଜବରଦଖଲ କରାଯାଇ ବିକ୍ରି ମଧ୍ୟ କରାଯାଉଛି। ଫଳରେ ହଜାର ହଜାର ଏକର ସମ୍ପତ୍ତିର ମାଲିକ ଏବେ ଭୂମିହୀନ ହେବାକୁ ବସିଛନ୍ତି। ଠିକ୍ ସମୟରେ ଅନ୍ନଭୋଗ ଲାଗି ପାରୁ ନ ଥିବା ବେଳେ ସେବାୟତମାନେ ଉଚିତ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଠାକୁରଙ୍କ ସମ୍ପତ୍ତି ଓ ଗହଣାଗୁଡ଼ିକର ପୁନରୁଦ୍ଧାର, ମଠ ଓ ମନ୍ଦିରଗୁଡ଼ିକରେ ଠାକୁରଙ୍କ ରୀତିନୀତି ଠିକ୍ ଭାବେ ପରିଚାଳନା, ସେବାୟତଙ୍କ ମାସିକ ଭତ୍ତା ବୃଦ୍ଧି, ବାରିପଦା ଦେବୋତ୍ତର ବିଭାଗ ପାଇଁ ସ୍ୱତନ୍ତ୍ର ଅଫିସର ନିଯୁକ୍ତି ଓ ସେବାୟତମାନଙ୍କ ଇପିଏଫ୍ ଲାଗୁ ଆଦି ରହିଛି।

## ସଂକ୍ଷେପରେ

### ପାଟଣା ରେଞ୍ଜକୁ ଫେରିଲେ ୨୩ଟିକିଆ ହାତୀପଲ

**ପାଟଣା,୨୦।୬(ସ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ପୁଣି ରବିବାର ରାତିରେ ହାତୀପଲ ଫେରିଛନ୍ତି। ଏହି ହାତୀପଲ କରଞ୍ଜିଆ ରେଞ୍ଜ୍‌ରୁ ଆସି ପାଟଣା ରେଞ୍ଜର ସାହାରପଡା ସେକ୍ସନର ତଣ୍ଡୋ ଗ୍ରାମରେ ଦେଓ ନଦୀ ପାର ହୋଇ ଚାଷ ଜମିକୁ ପ୍ରବେଶ କରି ଏକର ଏକର ପରିମିତ ଖରାଟିଆ ଧାନ ଫସଲକୁ ଦଳି ଚକଟି ନଷ୍ଟ କରି ପୁଣି କରଞ୍ଜିଆ ରେଞ୍ଜ୍‌କୁ ଫେରିଯାଇଛନ୍ତି। ଏହି ହାତୀପଲରେ ୨୩ ହାତୀ ରହିଥିବା ପାଟଣା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ହାତୀପଲ ଦିନବେଳା ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ପ୍ରବେଶ କରି ଖରାଟିଆ ଧାନ ଫସଲ ନଷ୍ଟ କରୁଛନ୍ତି। ହାତୀପଲଙ୍କୁ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

**ବାରିପଦା ଅଫିସ,୨୦।୬:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ନହଣ୍ଡାଶୋଳଠାରେ ସୋମବାର ଭୋର ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୃଷ୍ଣଚନ୍ଦ୍ରପୁର ଅଞ୍ଚଳର ଡାନିଏଲ ଦାସ। ଏନେଇ ପୋଲିସ ଏକ ମାମଲା (ନଂ.୧୭୭/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ସୂଚନା ଅନୁଯାୟୀ, ଡାନିଏଲ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୫୦ ୟୁନିଟ୍ ରକ୍ତ ସଂଗୃହୀତ

**ଭଦ୍ରକ ଅଫିସ, ୨୦।୬:** ଅଲ୍ ଇଣ୍ଡିଆ ମୋବାଇଲ ରିଟେଲର୍ସ ଆସୋସିଏଶନ (ଏଆଇଏମ୍‌ଆର୍‌ଏ) ଭଦ୍ରକ ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ର ଯୋଗ ଦେଇଥିଲେ। ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅମରେନ୍ଦ୍ର ପଣ୍ଡା, କଟଧର ପଲାଇ, ରାକେଶ ସାହୁ, ନିରଞ୍ଜନ ନନ୍ଦୀ, ମଙ୍ଗିଲାଲ ବଳଦେବା ପ୍ରମୁଖ ସହଯୋଗ କରିଥିଲେ।

### ରାଜ୍ୟ କାର୍ଯ୍ୟକାରିଣୀ ସମ୍ମିଳନୀ

**ବାରିପଦା ଅଫିସ,୨୦।୬:** ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ୭୭ତମ ରାଜ୍ୟ କାର୍ଯ୍ୟକାରିଣୀ ସମ୍ମିଳନୀ ମୟୂରଭଞ୍ଜ ଜିଲା ମେଡିକାଲ କର୍ମଚାରୀ ସଂଘ ଆନୁକୂଲ୍ୟରେ ବାରିପଦାର ପ୍ରୟାସ ହଲ୍‌ରେ ଅନୁଷ୍ଠିତ ହୋଇଛି। ବାରିପଦା ପୌର ପରିଷଦର ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ସଂଘ କାର୍ଯ୍ୟାଳୟରେ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ମେଡିକାଲ କର୍ମଚାରୀଙ୍କ ଶୋଭାଯାତ୍ରା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଡ. ଦେବାଶିଷ ମାରାଣ୍ଡି ଏବଂ ଉପଜିଲା ସ୍ୱାସ୍ଥ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କର୍ମଚାରୀ କେନ୍ଦ୍ର ସଂଘର ସଭାପତି ପ୍ରଭାକର ପଲାଇ ପରିଚାଳନା କରିଥିଲେ।

# ଅସରାଏ ବର୍ଷାରେ ଆଣ୍ଠୁଏ ପାଣି

**ଯୋଡ଼ା, ୨୦।୬ (ଡି.ଏନ.ଏ.)**

- ପାଇପ୍ ଲାଇନ୍ ଖୋଲା ପ୍ରମୁଖ କାରଣ
- ଆରମ୍ଭରୁ ସ୍ଥିତି ଖରାପ
- ହୋଇପାରୁନି ଜଳ ନିଷ୍କାସନ



ଯୋଡ଼ା ପୋରଧକ୍ଷ ଡା. ଜଗଦିଶ ପ୍ରସାଦ ସାହୁ ଉପସ୍ଥିତ ରହି ପାଣି ନିଷ୍କାସନ କରାଉଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ସହରରେ ରବିବାର ମୌସୁମୀର ପ୍ରଥମ ବର୍ଷା ହୋଇଛି। ଫଳରେ ଲୋକେ ପ୍ରବଳ ଗରମରୁ ତ୍ରାହି ପାଇଥିବା ବେଳେ ଏହି ପହିଲି ବର୍ଷା ଯୋଡା ସହରବାସୀଙ୍କୁ ବେହାଲ କରିଦେଇଛି। ଯୋଡ଼ା ସହରରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ବେଳେ ଅଧିକାଂଶ ସ୍ଥାନରେ ଏହି ବର୍ଷା ଜଳ ଜମା ହୋଇ ହୋଇ ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଯୋଡା ବସ୍ତି ଠାରୁ ବାହାରିଥିବା ମୁଖ୍ୟ ଡ୍ରେନଟି ଯୋଡା ବଜାର ଦେଇ ରାଧାକୃଷ୍ଣ ମନ୍ଦିର ନିଟକରେ ସୁନା ନଦୀରେ ମିଶିଥିବା ବେଳେ ବର୍ଷା ପୂର୍ବରୁ ଏହାର ସଫେଇ କାର୍ଯ୍ୟ କରାଯାଇ ନ ଥିବାରୁ ବର୍ଷା ଜଳ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଏହି ଡ୍ରେନ୍ ଉପରେ ଢଳେଇ ସ୍ଲାବ ପକାଯାଇଥିବା ବେଳେ ଏହା ରାସ୍ତା ଠାରୁ ଏକ ଫୁଟ ଉଚ୍ଚରେ ଥିବାରୁ ରାସ୍ତାର ବର୍ଷା ଜଳ ମଧ୍ୟ ଏହି ଡ୍ରେନ୍‌ରେ ପ୍ରବାହିତ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ପାଇପ୍ ଲାଇନ୍ ଖୋଲା ପାଣି ଜମିବାରେ ଆଉ ଏକ ପ୍ରମୁଖ କାରଣ ସାଜିଛି।

ସେହିପରି ଯୋଡା ବଜାରକୁ ଯାଇଥିବା ମୁଖ୍ୟ ପୋଲ ଉପରେ ଜଳ ନିଷ୍କାସନ ହୋଇନପାରି ଆଣ୍ଠୁଏ ପାଣି ଜମି ରହି ଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯୋଡା ସହର ମଧ ଦେଇ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବିଭିନ୍ନ ସ୍ଥାନରେ ମାଟି ଗଦା ହୋଇ ଜଳ ନିଷ୍କାସନ ହେବାରେ ବାଧକ ସାଜିଛି । ଏହା ସହିତ ରାସ୍ତା କଡ଼ରେ ପାଇପ ଲାଇନ ଖୋଲା ଯାଉଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। ଫଳରେ କାଦୁଅ ପଙ୍କରେ ରାସ୍ତା ପରିପୂର୍ଣ୍ଣ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ଅସରାଏ ବର୍ଷାରେ ଆଇଡିବିଆଇ ବ୍ୟାଙ୍କ ନିକଟରୁ ଗୋପମହାନ୍ତି ହଟିଂ ପର୍ଯ୍ୟନ୍ତ ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଲୋକଙ୍କ ଅଭିଯୋଗକ୍ରମେ ଯୋଡ଼ା ପୋରଧକ୍ଷ ଡ଼ାକ୍ତର ଜଗଦିଶ ପ୍ରସାଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଅସ୍ଥାୟୀ ଭାବେ ଏହି ଜଳ ନିଷ୍କାସନର ବ୍ୟବସ୍ଥା କରିଛନ୍ତି। ଯୋଡା ପୌରାଞ୍ଚଳରେ ଥିବା ଡ୍ରେନ୍ ଗୁଡିକର ସଫେଇ କାର୍ଯ୍ୟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସ୍ମାର୍ଟ ସ୍କୁଲରେ ପଶିଲା ବର୍ଷାଜଳ

**ପାଟଣା,୨୦।୬(ସ୍ୱ.ପ୍ର.)**

ରାଜ୍ୟ ସରକାର ସ୍କୁଲ ରୂପାନ୍ତରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହାର ବିପରୀତ ଚିତ୍ର କେନ୍ଦୁଝର ଜିଲା ପାଟଣା ବ୍ଲକରେ ଦେଖିବାକୁ ମିଳିଛି। ସୋମବାର ମୌସୁମୀ ଜନିତ ବର୍ଷାରେ ପାଟଣା ବ୍ଲକ ରାଜନଗର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ଲାସରୁମ, କମନ ରୁମରେ ବର୍ଷା ପାଣି ପଶି ବେହାଲ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାହତ ସୃଷ୍ଟି ହୋଇଥିଲା। ଛାତ୍ର ଓ ଶିକ୍ଷକ ବେଞ୍ଚ ଡେସ୍କ ବୋହି ଅନ୍ୟ ରୁମ୍‌ରେ ପକାଇ ବିଳମ୍ୱରେ ପାଠପଢ଼ା ଆରମ୍ଭ କରିଥିଲେ।

ଗ୍ରୀଷ୍ମ ଛୁଟି ପରେ ସୋମବାର ବିଦ୍ୟାଳୟ ଖୋଲିବା ପରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ କକ୍ଷ ଓ ଷ୍ଟାଫ କମନ ରୁମ ଭିତରେ ଡ୍ରେନ ପାଣି ପଶିଯାଇଥିଲା। ଫାଙ୍କା ପଡିଥିବା ଆଉ କେତକ ରୁମ୍‌କୁ ଡେସ୍କ ବେଞ୍ଚ ଉଠାଇ ଯୁଦ୍ଧ କାଳୀନ ଭିତ୍ତିରେ ଶିକ୍ଷା ଆରମ୍ଭ କରାଯାଇଥିଲା। ବିଦ୍ୟାଳୟ ସମ୍ମୁଖରେ ଯାଇଥିବା ଡ୍ରେନ ଜାମ ଥିବାରୁ ଡ୍ରେନ ପାଣି ସବୁ ଶ୍ରେଣୀଗୃହକୁ ପ୍ରବେଶ କରିଥିଲା। ଏହାବ୍ୟତୀତ କଣା ଥିବା ଆଜବେଷ୍ଟସକୁ ୫-ଟି କାର୍ଯ୍ୟ ବେଳେ ପରିବର୍ତ୍ତନ ନ କରି ପୁରୁଣା ଆଜବେଷ୍ଟସ ଉପରେ ରଙ୍ଗମରା ଯାଇଥିବାରୁ ଏଥିରୁ ପାଣି ଗଳୁଥିବାର ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟ ଏସ୍‌ଏମ୍‌ଡିସି ସଭାପତି ତୃପ୍ତି ରଞ୍ଜନ ସିଂଙ୍କୁ ପଚାରିବାରୁ ୫-ଟି କାର୍ଯ୍ୟ ରେ ବ୍ୟାପକ ଅନିୟମିତତା ହୋଇଛି। ପୁରୁଣା ଆଜବେଷ୍ଟସ ଉପରେ ରଙ୍ଗ ମାରି ଦିଆଯାଇଛି। ଯାହାଫଳରେ ବର୍ଷା ପାଣି କ୍ଲାସ ରୁମ୍‌ରେ ଭର୍ତ୍ତି ହୋଇଛି। ସୂଚନାଯୋଗ୍ୟ ଏଇ ନିକଟରେ ଉକ୍ତ ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହେବାସହ ୫୪ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, କରାଯାଇଥିଲା। ଅନ୍ୟପକ୍ଷରେ ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୀମସେନ ପାତ୍ର କହିଛନ୍ତି, ଡ୍ରେନପାଣି ସ୍କୁଲରେ ପଶିଯିବାରୁ ଏଭଳି ପରିସ୍ଥିତି ଉପୁଜିଛି।

# ବଳିଆ ହତ୍ୟାକାଣ୍ଡର ସୁରାକ ପାଉନି ପୋଲିସ

**ସିମୁଳିଆ, ୨୦।୬(ଡି.ଏନ.ଏ.)**

## ଦୁର୍ଘଟଣା ରୂପ ଦେବା ଲାଗି ଚାଲିଛି ଉଦ୍ୟମ

ବାଲେଶ୍ୱର ଜିଲା ସିମୁଳିଆ ତହସିଲ ରୋଡ୍‌ରେ ଶନିବାର ଭୋର୍ ସମୟରେ ଘଟିଥିବା ସ୍ଥାନୀୟ ରିଆ ଅଞ୍ଚଳର ପ୍ରଦୀପ ନାୟକ ଓରଫ୍ ବଳିଆ(୩୫) ହତ୍ୟା ମାମଲାରେ ପୋଲିସକୁ ଏଯାଏ କୌଣସି ସୁରାକ ମିଳିପାରି ନାହିଁ । ଅପରପକ୍ଷେ ଏହି ହତ୍ୟାକାଣ୍ଡ ଘଟଣାକୁ ଦୁର୍ଘଟଣାଜନିତ ମୃତ୍ୟୁ ଦର୍ଶାଯିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଚାଲିଥିବାର ସୂଚନା ମିଳିଛି ।

ଗତ ୨।୪।୨୨ରେ ସିମୁଳିଆ ଥାନା ବାଲିଖଣ୍ଡ ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ବିହାରୀ ପତ୍ରୀଙ୍କୁ ଦୁର୍ବୃତ୍ତମାନେ ତାଙ୍କ ଘରୁ ଘୋଷାଡ଼ି ନେଇ ନିକଟସ୍ଥ ବିଲ ମଧ୍ୟରେ ଉଲଗ୍ନ କରି ବିଭତ୍ସ ଭାବେ ହତ୍ୟା କରିଥିଲେ। ଏହାର ତଦନ୍ତ ପାଇଁ ଜିଲାସ୍ତରରେ ଏକ ଟିମ୍ ଗଠନ କରାଯାଇଥିଲେ ହେଁ ଅଦ୍ୟାବଧି ପୋଲିକୁ କୌଣସି ସୁରାକ ମିଳି ନ ଥିବା ବେଳେ ବଳିଆ ହତ୍ୟାକାଣ୍ଡର ରୂପ ବଦଳାଯିବା ପାଇଁ ପ୍ରୟାସ ଚାଲିଥିବାର ସୂଚନା ମିଳିଛି। ସିମୁଳିଆରେ ଲଗାତର ଚୋରି, ଆକ୍ରମଣ କରି ଲୁଟ୍ କରାଯାଉଥିବାରୁ ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏପରିକି ଦୋକାନୀମାନେ ମଧ୍ୟ ରାତ୍ରି ୯ଟା ପୂର୍ବରୁ ଦୋକାନ ବଜାର ବନ୍ଦ କରି ଦେଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ଢାବା, ପାନ ଦୋକାନ, କ୍ଷେଣନାରୀ ଦୋକାନରେ ମଦର ଅବାଧ କାରବାର ଚାଲିଛି। ସେହିପରି ବିଭିନ୍ନ ସ୍ଥାନରେ ନିଶା କାରବାର ବୃଦ୍ଧି ପାଇଛି। ଅପରପକ୍ଷେ ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବାରୁ ଦୁର୍ବୃତ୍ତମାନେ ଅନାୟସରେ ଅପରାଧ ଘଟାଇ ଚାଲିଛନ୍ତି। ଫଳରେ ଶାନ୍ତ ସିମୁଳିଆ ଏବେ ଅଶାନ୍ତ ହୋଇପଡ଼ିଛି।

# ‘ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଲାଗି କାର୍ଯ୍ୟ କରିଆସିଛି’



ଅତିଥିଙ୍କ ଦ୍ୱାରା ସମ୍ମାନ ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୨୦।୬**

## ନୃତ୍ୟସଙ୍ଗୀତ କଳାମନ୍ଦିର ବାର୍ଷିକ ଉତ୍ସବ

ବାଲେଶ୍ୱର ସହର ଟାଉନ ହଲ ସଭାଗୃହରେ ‘ବାଲେଶ୍ୱର ନୃତ୍ୟସଙ୍ଗୀତ କଳାମନ୍ଦିର’ର ୬୬ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶାନ୍ତିଲତା ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରୁ ବାହାରୁଥିବା ଛାତ୍ରୀଛାତ୍ର ନୃତ୍ୟଗୁରୁ ରମଣୀ ରଞ୍ଜନ, ବିଶିଷ୍ଟ ନୃତ୍ୟଶିଳ୍ପୀ ସୁଜାତା ମହାନ୍ତିଙ୍କ ଭଳି ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରି ରାଜ୍ୟ ତଥା ଜିଲାରେ ଖ୍ୟାତି ଅର୍ଜନ କରିଛନ୍ତି ବୋଲି କହିଥିଲେ।

ଉତ୍ସବରେ ଅନୁଷ୍ଠାନ ଉପସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରପାଳ ସବିତା ସାହୁ, ଅନୁଷ୍ଠାନ ବରିଷ୍ଠ ସଦସ୍ୟ ସୁବାସିନୀ ଜେନା ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁ ଅଖିଳ କୁମାର ବେହେରାଙ୍କୁ ସଙ୍ଗୀତ ଶିରୋମଣୀ ସମ୍ମାନ, ଇତିଶ୍ରୀ ମହାନ୍ତିଙ୍କୁ ଉଷାମଣୀ ସମ୍ମାନ, ଗୁରୁ ନାରାୟଣ ଦାସଙ୍କୁ କାର୍ତ୍ତିକ ଚନ୍ଦ୍ର ପତି ସମ୍ମାନ ଓ ଇଂ. ପ୍ରଶାନ୍ତ ଦତ୍ତଙ୍କୁ ମରଣୋତ୍ତର କାମିନୀକାନ୍ତ ମହାନ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ ଉର୍ମିଳା ସାହୁ, ନନ୍ଦକିଶୋର ଦାସ, ଭୁବନମୋହନ ପ୍ରଧାନ, ମନୋରଞ୍ଜନ ପଣ୍ଡା, ଭାସ୍କର ଚନ୍ଦ୍ର ଖିଲାର, ପ୍ରଭାକର ଜେନା ପ୍ରମୁଖଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନୁଷ୍ଠାନର ପୂର୍ବତନ ଛାତ୍ରୀ ଅଭିବନ୍ଦିତା ରଥ ଘୋଷିକା ଭାବେ କାର୍ଯ୍ୟ ସମାପନ କରିଥିଲେ। ଅଜୟ ଆଚାର୍ଯ୍ୟ, ସନ୍ତୋଷ ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ‘ସାଂସ୍କୃତିକ ଚେତନା ଘଟିଲେ କଳାଜଗତ ବିକଶିତ ହୁଏ’

**ଭୋଗରାଇ, ୨୦।୬(ଡି.ଏନ.ଏ.)**

ଦୃଢ଼ ମନୋବଳ, ଏକାଗ୍ରତା ଓ ନିଷ୍ଠା ରହିଲେ ମଣିଷ ତାର ଲକ୍ଷ୍ୟ ପଥରେ ପହଞ୍ଚିପାରେ। ଏଥିପାଇଁ ଅବକ୍ଷୟ ସମାଜକୁ ସୁଧାର ଆଣିବା ପାଇଁ ସାଂସ୍କୃତିକ ଚେତନା ଜରୁରୀ ଅଟେ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ମଟେଇବାଡ଼ ସ୍ଥିତ (ବନାବସାଣ-ଡେଘରୀ) ଜିଲା କଳାକାର ସଂଘ ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବରେ ରାଜ୍ୟ ପ୍ରଖ୍ୟାତ କଳାକାରମାନେ ମତପ୍ରକାଶ କରିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ରବିବାର ଦିବାରାତ୍ର ରଙ୍ଗାରଙ୍ଗ କାର୍ଯ୍ୟ ମାଧ୍ୟମରେ ଭୋଗରାଇର ବିଭିନ୍ନ ପ୍ରାନ୍ତରରୁ ସାନବଡ଼ କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ଓଡ଼ିଶା ଯାତ୍ରା ଜଗତର ଖ୍ୟାତନାମା ନାୟକ ଗୌର ଦାସଙ୍କ ପୌରହିତ୍ୟରେ ସମ୍ମାନିତ ଅତିଥି ଭାବେ ଅଭିନେତା ତଥା ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ, ହାସ୍ୟ ଅଭିନେତା ମଣିଭଦ୍ର ବିଶ୍ୱାଳ, ଖଳନାୟକ ଦୈତ୍ୟାରୀ ପଣ୍ଡା, ନୃତ୍ୟଗୁରୁ ମନୋଜ ବେହେରା, ଅଭିନେତା ପ୍ରଫୁଲ୍ଲ ସାହୁ, ନାଟ୍ୟ ନିର୍ଦ୍ଦେଶକ ରାଧାକୃଷ୍ଣ ଗିରି ପ୍ରମୁଖ ବହୁ କଳାକାର ଯୋଗଦେଇ ବାଲେଶ୍ୱର ମାଟି କଳା ସଂସ୍କୃତିର ଏକୁଡ଼ିଶାଳ ବୋଲି ମତପ୍ରକାଶ କରିଥିଲେ। ଗୌରାଙ୍ଗ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପରେ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଦୁଇଟି ୧ଘଣ୍ଟିଆ ପଥପ୍ରାନ୍ତ ନାଟକ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଏହି ଅବସରରେ ଏଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୬୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଭୋଗରାଇ ବିଧାୟକ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର ଗିରିଙ୍କ ସହିତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ‘ମୁଁ ବି ହେବି ସୈନିକ’

**ଭୋଗରାଇ, ୨୦।୬(ଡି.ଏନ.ଏ.)**

ବିଦେଶୀ ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବା, ପ୍ରାକୃତିକ ବିପର୍ଯ୍ୟୟରେ ଲୋକମାନଙ୍କୁ ସେବା ଯୋଗାଇଦେବା ଭଳି ଦେଶହିତକର କାର୍ଯ୍ୟ ସୈନିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥିନିମନ୍ତେ ଛାତ୍ର ଜୀବନରୁ ଦେଶ ଭକ୍ତ ହୋଇପାରିଲେ ଜୀବନ ସାର୍ଥକ ହୁଏ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଥାନା ଛକସ୍ଥିତ ଓଡ଼ିଶା ବିଗ୍ରେଡ ସ୍କୁଲର ଛାତ୍ରୀଛାତ୍ର ବାର୍ଷିକ ଉତ୍ସବରେ ମତପ୍ରକାଶ କରିଛନ୍ତି। ଏହି ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ସାମରିକ କଳାକୌଶଳ ପ୍ରଦର୍ଶନ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ତଥା ପରିଚାଳକ ଅବସରପ୍ରାପ୍ତ କଲେଜ ଅଧ୍ୟାପକ ଘନଶ୍ୟାମ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଶିକ୍ଷୟିତ୍ରୀ ଅଙ୍କିତା ଦାସ, ମୁଖ୍ୟ ଅତିଥି ଭାବେ ବ୍ଲକ ସିଆର୍‌ସିସି ଜୟନ୍ତୀ ପାତ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ନିମନ୍ତେ ମାତାପିତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ସ୍କୁଲର କୃତୀ ଛାତ୍ର ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅଭିଭାବକଙ୍କୁ ନେଇ ଏକ ବନ୍ଧୁମିଳନ କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।

# ୨୦ବର୍ଷ ପରେ ଦେଉଳା ନାଳ ଖନନ



ମେଶିନ୍ ଲଗାଇ ଦେଉଳା ନାଳ ଖନନ କରାଯାଉଛି।

**ଭୋଗରାଇ, ୨୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦେଉଳା ନାଳ ଖନନ ରବିବାର ଆରମ୍ଭ ହୋଇଥିବାରୁ ଚାଷୀମାନେ ଖୁସି ପ୍ରକାଶ କରିଛନ୍ତି। ଓଡ଼ିଶା ସୀମାନ୍ତରୁ ଏହି ନାଳ ଦେଇ ଅନଳିଆ, ଦେଉଳା, ମନ୍ଦାରସାହି, ଦେହୁର୍ଦ୍ଦା, ଗୁନାଇବସାଣ, ଜଳେଶ୍ୱରପୁର ପଞ୍ଚାୟତର ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହୋଇଥାଏ। କେତେକ ଲୋକ ଏହି ନାଳକୁ ଜବରଦଖଲ କରି ପାଣି ନିଷ୍କାସନରେ ବାଧା ସୃଷ୍ଟି କରିଆସୁଥିଲେ। ଦେଉଳାହାଟ ଅଞ୍ଚଳର ଜଣେ ବ୍ୟକ୍ତି ଦୀର୍ଘ ୨୦ବର୍ଷ ଧରି ଏହାକୁ ଜବରଦଖଲ କରିଆସୁଥିବାରୁ ୬ପଞ୍ଚାୟତର ବହୁ ଗ୍ରାମର ଚାଷୀଙ୍କ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ପାଣି ନିଷ୍କାସନ ହୋଇ ନ ପାରି ଘରଦ୍ୱାର, ଚାଷଜମି, ରାସ୍ତାଘାଟ ଦୀର୍ଘଦିନ ଧରି ଜଳାର୍ଣ୍ଣବ ହେବାରୁ ଜୀବନ ଦୁର୍ବିଷହ ହୋଇପଡୁଥିଲା। ଏଭଳି ସ୍ଥିତିରେ ୩ନଂ. ଜୋନ୍‌ର ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନାଙ୍କ ସହ ସ୍ଥାନୀୟ ଶୀତଳମାତା କୃଷକ ସଂଘର ସମସ୍ତ କର୍ମକର୍ତ୍ତା ଓ ଶୁଭକାଂକ୍ଷୀ ଉଦ୍ୟମରେ ରାଜସ୍ୱ ବିଭାଗକୁ ବାରମ୍ବାର ଜଣାଇବା ପରେ ଦେଉଳା ନାଳକୁ ଜବରଦଖଲକାରୀ ସ୍ୱଇଚ୍ଛାରେ ଜାଗା ଛାଡ଼ିଥିବାରୁ ଜେସିବି ଲଗାଇ ଖାଳ ଖନନ କରାଯାଇଛି। ଅପରପକ୍ଷରେ ଜଳେଶ୍ୱର ଚନ୍ଦନେଶ୍ୱର ରାସ୍ତା ଜୟନଗର-ଦେହୁର୍ଦ୍ଦା ପୋଲଠାରେ ଜବରଦଖଲକାରୀମାନେ ଜାଗା କବ୍‌ଜା କରି ପକ୍କା ଘର ନିର୍ମାଣ କରି ନୟନଯୋରି ଓ ଖାଳକୁ ଅବରୋଧ କରିଥିବାରୁ ଏଠାରେ ଜବର ଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଦାବି ହେଉଛି।

# ୪୨ ଜନଅଭିଯୋଗର ଶୁଣାଣି




ଶିବିରରେ ଉପସ୍ଥିତ ଅଧିକାରୀ।

**ଭଦ୍ରକ ଅଫିସ, ୨୦।୬**

ଭଦ୍ରକର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୪୨ଟି ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୬ଟି ସାମୂହିକ ଥିଲା। ନୂତନ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସମସ୍ତ ଅଭିଯୋଗର ଶୁଣାଣି କରି ସମାଧାନ ସମ୍ଭବ ଅଭିଯୋଗଗୁଡ଼ିକର ଯଥାଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଓ ସହକାରୀ ଜିଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ।

# ରୋଗଶଯ୍ୟାରେ ରୋଜଗାରିଆ ପୁଅ

**ପଦ୍ମପୁର, ୨୦।୬ (ଡି.ଏନ.ଏ.)**

## ଚିକିତ୍ସାରେ ଅର୍ଥ ବାଧକ



ବୁଢ଼ୀମା’ ଓ ମା’ଙ୍କ ସହ ଏକାଦଶୀ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ତୁଳମତୁଳା ଗ୍ରାମର ଏକାଦଶୀ ରାଉତ(୨୩) ୮ ମାସ ହେଲା ରୋଗଶଯ୍ୟାରେ ପଡ଼ି ରହିଛନ୍ତି। ଭେଣ୍ଡିଆ ରୋଜଗାରିଆ ପୁଅର ଏପରି ଅବସ୍ଥା ଦେଖି ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଏକାଦଶୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି।

ଏକାଦଶୀଙ୍କ ବାପା ନାରାୟଣ ୧୨ ବର୍ଷ ହେଲା ଆରପାରିକୁ ଚାଲିଗଲେଣି। ଘରେ ୨ ବିଧବା ଜେଜେମା ଓ ମା’ ମାଳତୀ। ବୟସର ଅପରାହ୍ନରେ ଉପନୀତ ୩ ବିଧବା ମହିଳାଙ୍କର ଏକମାତ୍ର ଆଶା ଓ ଭରସା ଏକାଦଶୀ ପର ଘରେ ମୂଲ ଲାଗି ପରିବାର ଚଳାଉଥିଲେ। ହେଲେ ୮ ମାସ ତଳେ ଆଣ୍ଠୁଗଣ୍ଠି ଜନିତ ରୋଗର ଶିକାର ହୋଇ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ରୋଗରୁ ସାମୟିକ ଉପଶମ ପାଇଥିଲେ ମଧ୍ୟ ବିଛଣାରେ ପଡ଼ି ରହିଛନ୍ତି। ଅନ୍ୟର ସାହାରା ବିନା ଶୌଚ ହେବାକୁ ବି ଯାଇ ପାରୁନାହାନ୍ତି। ରୋଜଗାରିଆ ପୁଅର ଏପରି ଅବସ୍ଥାରେ ମାଳତୀ ଅନ୍ୟ ଘରେ କାମ କରିବା ସହ ଦଉଡ଼ି ବଳି ଯାହା ରୋଜଗାର କରୁଛନ୍ତି ସେଥିରେ ୪ ପ୍ରାଣୀଙ୍କ ପେଟ ପୋଷିବା ସମ୍ଭବ ନୁହେଁ। ଏପରି ସ୍ଥଳେ ଏକାଦଶୀଙ୍କ ଚିକିତ୍ସା ପାଇଁ ମାସିକ ୭ରୁ ୮ ହଜାର ଟଙ୍କାର ଔଷଧ ଦରକାର ପଡୁଛି। ସରକାରଙ୍କ ପକ୍ଷରୁ କେବଳ ରାଶନ କାର୍ଡ ଓ ବିଧବା ଭତା ଛଡ଼ା ପରିବାରକୁ କୌଣସି ସହାୟତା ମିଳିପାରି ନାହିଁ। ଏପରିକି ନାରାୟଣଙ୍କ ନାଁରେ ଥିବା ଆବାସ ଗୃହ ଠିକ୍ ସମୟରେ ନିର୍ମାଣ ହୋଇ ନ ଥିବାରୁ ଯୋଜନାର ପୁରା ଟଙ୍କା ମିଳିପାରିନି। ଅର୍ଦ୍ଧନିର୍ମିତ ଘରେ ପଲିଥିନ ଟାଣି ରହୁଛନ୍ତି ଅସହାୟ ପରିବାର। ପୁଅର ଚିକିତ୍ସା ପାଇଁ ମାଳତୀ ଗାଁରୁ ମାଗିଯାଚି ସେହି ଟଙ୍କାରେ ଔଷଧ କିଣୁଥିବା ବେଳେ ଠିକ୍ ସମୟରେ ଔଷଧ ନ ଖାଇବାରୁ ରୋଗ ବଢ଼ି ଚାଲିଛି। ପୁଅର ଚିକିତ୍ସା ନିମନ୍ତେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମାଳତୀ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ସତ୍ୟଜିତ ରାଉତଙ୍କୁ ପଚାରିବାରୁ ଜିଲା ରେଡ୍‌କ୍ରସ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

